# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୧.୧୦.୨୦୨୨ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

**ଉପସ୍ଥିତ ସଭ୍ୟ/ସଭ୍ୟା:-**

୧. ଶ୍ରୀମତୀ ସୁଲୋଚନା ଦାସ, ମେୟର-ତଥା-ଚେୟାରପର୍ସନ୍,
୨. ଶ୍ରୀ ବିଜୟ ଅମୃତା କୁଲାଙ୍ଗେ, ଆଇ.ଏ.ଏସ୍, ମ୍ୟୁନିସିପାଲ୍ କମିଶନର,
୩. ଶ୍ରୀମତୀ ଭାରତୀ ସିଂ, ସଭ୍ୟା,
୪. ଶ୍ରୀମତୀ ପୁଷ୍ପାଞ୍ଜଳୀ ସେଠୀ, ସଭ୍ୟା
୫. ଶ୍ରୀମତୀ କେ. ଶାନ୍ତି, ସଭ୍ୟା

ଅଦ୍ୟ ତା ୨୧.୧୦.୨୦୨୨ ରିଖ ଅପରାହ୍ନ ଘ. ୪.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଟେଣ୍ଡର ହେଉଅଛି । ସେଥିରେ ବହୁ ଠିକାଦାର ଅଟକଳ ମୂଲ୍ୟ ଠାରୁ୧୪.୯୯% କମ୍‌ରେ ଟେଣ୍ଡର ପକାଉଛନ୍ତି, କିନ୍ତୁ ଠିକ୍ ସମୟରେ ଚୁକ୍ତିପତ୍ର ସ୍ୱାକ୍ଷର କରୁନାହାଁନ୍ତି କିମ୍ବା କାର୍ଯ୍ୟ କରୁନାହାଁନ୍ତି, ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏଣୁ ଜଣେ ଠିକାଦାର ବର୍ଷକ ମଧରେ ଦୁଇ ଗୋଟି କାର୍ଯ୍ୟ ଅଟକଳ ମୂଲ୍ୟ ଠାରୁ୧୪.୯୯% କମ୍‌ରେ ଟେଣ୍ଡର ଆୱାର୍ଡ଼ କରିବା ପାଇଁ ନିର୍ଦ୍ଦେଶନାମା ଜାରୀ କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁ ଉନ୍ନୟନମୂଳକ କାର୍ଯ୍ୟ ଅଟକଳର ମୂଲ୍ୟ ଠାରୁ ୧୪.୯୯% କମ୍‌ରେ ଠିକାଦାରମାନେ କାର୍ଯ୍ୟ କରୁଛନ୍ତି ସେହି କାର୍ଯ୍ୟ ଗୁଡ଼ିକ, ଏକ Expert Team ଦ୍ୱାରା ଯାଂଚ୍ ହେବ ଏବଂ ସେହି କାର୍ଯ୍ୟର Quality Test ରିପୋର୍ଟକୁ ଭିତିକରି ସମ୍ପୃକ୍ତ ଠିକାଦାରଙ୍କ ବିଲ୍ ପୈଠ କରାଯିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ କେତେକ ରାସ୍ତା ଜନସାଧାରଣ ବ୍ୟବହାର କରୁଛନ୍ତି, କିନ୍ତୁ ସେହି ରାସ୍ତାର ମାଲିକାନା ସତ୍ୱ ଅନ୍ୟ ବ୍ୟକ୍ତିଙ୍କ ନାମରେ ଥିବାରୁ ରାସ୍ତା ଖରାପ ହୋଇଗଲେ ମଧ ତାହାର ଉନ୍ନତିକରଣ ହୋଇପାରୁନାହିଁ, ଫଳରେ ଜନସାଧାରଣମାନେ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି, ତେଣୁ ସେହି ରାସ୍ତା ପାର୍ଶ୍ୱ ଘର ମାଲିକମାନେ ସେଠାରେ ପାଂଚ ବର୍ଷ ବସବାସ କରୁଥିବାର ପ୍ରମାଣପତ୍ର ଯଥା-ଗୃହ ଟିକସ, ଇଲେକ୍ଟ୍ରି ବିଲ୍ ଇତ୍ୟାଦି ଦରଖାସ୍ତ ସହିତ ରାସ୍ତା ଉନ୍ନତିକରଣ ପାଇଁ ଆବେଦନ କଲେ, ଉକ୍ତ ରାସ୍ତାର ଉନ୍ନତିକରଣ କରାଯିବା ପାଇଁ ଖବରକାଗଜ ମାଧମରେ ଆପତି ଅଭିଯୋଗ ଗ୍ରହଣ କରାଯାଇ ଉନ୍ନତିକରଣ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମର କେତେ ଗୋଟି ନିଜସ୍ୱ ଗାଡ଼ି ଅଛି, କେତେ ଗୋଟି ଭଡ଼ା ଗାଡ଼ି ଲାଗିଅଛି, ସେହି ଗାଡ଼ି ଗୁଡ଼ିକ ନିୟମ ଅନୁଯାୟୀ କେଉଁମାନେ ବ୍ୟବହାର କରୁଛନ୍ତି, ପ୍ରତ୍ୟେକ ଗାଡ଼ିକୁ ଦୈନିକ କେତେ ତେଲ ଦିଆଯାଉଅଛି ଏବଂ ଏହି ତେଲ ବାବଦକୁ କେତେ ଅର୍ଥ ମାସିକ ଖର୍ଚ୍ଚ ହେଉଅଛି, କେଉଁ Filling Station ରୁ ଉକ୍ତ ତେଲ ଆସୁଅଛି, କେତେ ଗୋଟି ଗାଡ଼ି ଅକାମି ହୋଇ ପଡ଼ିଅଛି ତାହାର ତଥ୍ୟ ମାନନୀୟା ମେୟରଙ୍କୁ ଦେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମାଂଚଳରେ କେତେକ ସ୍ଥାନରେ ରାସ୍ତା ଉପରକୁ ଗଛଡ଼ାଳ ସବୁ ମାଡ଼ି ଆସିଅଛି, ସେଗୁଡ଼ିକୁ କାଟିବା ପାଇଁ ଭୁବନେଶ୍ୱର ମହାନଗର ନିଗମାଂଚଳରେ ଗାଡ଼ିର ଅଭାବ ଥିବାରୁ ଅଗ୍ନିଶମ ସେବା ବିଭାଗକୁ ଅନୁରୋଧ କରିବା ସହିତ ଆବଶ୍ୟକ ହେଲେ ମେସିନ୍ ଭଡ଼ାରେ ଆଣି ଗଛଡ଼ାଳ କାଟିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ନିର୍ଦ୍ଧାରଣ-୧(୬). OUIDF ଙ୍କ ଠାରୁ ଲୋନ୍ ଆଣି ବିଭିନ୍ନ କାର୍ଯ୍ୟ କରାଯାଇଅଛି, କିନ୍ତୁ ତାହା ସମ୍ପୂର୍ଣ୍ଣ ହୋଇନାହିଁ । ଭୁବନେଶ୍ୱର ମହାନଗର ନିଗମ OUIDF ଙ୍କୁ ସୁଧ ଦେଉଅଛି, କିନ୍ତୁ ଜନସାଧାରଣ ସେଠାରୁ ଉପକୃତ ହେଉନାହାଁନ୍ତି କିମ୍ବା ସେଠାରୁ ମଧ କିଛି ଅର୍ଥ ଆଦାୟ ହୋଇପାରୁନାହିଁ, ତେଣୁ ଉକ୍ତ ପ୍ରକଳ୍ପ ଗୁଡ଼ିକ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୬.୦୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ସୁଲୋଚନା ଦାସ
ସଭାପତି
ତା ୨୧.୧୦.୨୦୨୨ ରିଖ